# ନର୍ସରୀ ପରିଚାଳନା






କୃଷିବିଜ୍ଞାନ କେନ୍ଦ୍ର, ଦେବଗଡ଼

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

# ନର୍ସରୀ ପରିଚାଳନା




ଉପସ୍ଥାପନା

କୁମାରୀ ସାଧନା ସ୍ୱସ୍ତିକା, ବୈଜ୍ଞାନିକ (ଉଦ୍ୟାନକୃଷି)

ଶ୍ରୀ ଲବ ସୋରେନ୍, ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)

ଶ୍ରୀ ଚିନ୍ମୟ ମିଶ୍ର, କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ)

ସଂପାଦନା

ଡଃ. ସୁଜିତ୍ କୁମାର ନାଥ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର, ପୁରୁଣାଗଡ଼, ଦେବଗଡ଼

**KRISHI VIGYAN KENDRA, DEOGARH**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

**ODISHA UNIVERSITY OF AGRICULTURE & TECHNOLOGY**

# ନର୍ସରୀ ପରିଚାଳନା

*ଉପସ୍ଥାପନା :*

ସାଧନା ସ୍ୱସ୍ତିକା
ବୈଜ୍ଞାନିକ (ଉଦ୍ୟାନ କୃଷି)
ଶ୍ରୀ ଲବ ସୋରେନ୍
ବୈଜ୍ଞାନିକ (ଶସ୍ୟ ସଂରକ୍ଷଣ)
ଶ୍ରୀ ଚିନ୍ମୟ ମିଶ୍ର
କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ)

*ସଂପାଦନା :*

ଡ. ସୁଜିତ୍ କୁମାର ନାଥ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

*ପ୍ରକାଶକ :*

କୃଷି ବିଜ୍ଞାନ କେନ୍ଦ୍ର
ପୁରୁଣାଗଡ଼, ଦେବଗଡ଼-୭୬୮୧୧୯
ଫୋନ୍: ୦୬୬୪୧-୨୨୬୧୨୨

*ପ୍ରଥମ ପ୍ରକାଶ:*

ମାର୍ଚ୍ଚ, ୨୦୨୦

*ମୁଦ୍ରଣ :*

ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର,
ଫୋନ୍ ୯୪୩୭୦୭୭୩୩୭

**By**
**Miss Sadhana Swastika**
Scientist (Horticulture)
**Shri Laba Soren**
Scientist (Plant Protection)
**Shri Chinmaya Mishra**
PA (Soil Science)

**Editor** :
**Dr. Sujit Kumar Nath**
Sr. Scientist and Head
KVK, Deogarh

**Published by** :
Krishi Vigyan Kendra
Purunagarh, Deogarh-768119
Ph.: 06641-226122
kvkdeogarh.ouat@gmail.com

First Publication:
March, 2020

**Printed by :**
Ankita Graphics, Bhubaneswar.
saroj77337@gmail.com
Ph : 9437077337



# ନର୍ସରୀ ପରିଚାଳନା

ସାଧାରଣତଃ ନର୍ସରୀ କହିଲେ ଆମେ ବୁଝୁ, ଯେଉଁଠି ଫୁଲ, ଫଳ ଓ ପନିପରିବା ଇତ୍ୟାଦିର ଚାରା ଓ ମଞ୍ଜି ସୁବିଧାରେ ପାଇହୁଏ । ନର୍ସରୀ ଏକ, ସୀମିତ ଓ ସୁରକ୍ଷିତ ଯାଗାରେ ହୋଇଥାଏ । ଯେଉଁଠି ବିଭିନ୍ନ କିସମର ମଞ୍ଜିରୁ ତଳି ଉତାରିବା, ମୂଳପିଣ୍ଡ ଗଛ ଉତାରିବା ଏବଂ ସେଥିରେ କଲମି କରିବା ଏବଂ କଲମି କରିବା ନିମନ୍ତେ ବିଭିନ୍ନ ମା'ଗଛ ଲଗାଯାଇଥାଏ ।

## ନର୍ସରୀର ଉପକାରିତା

୧. ତଳି ଓ ବିଭିନ୍ନ ପ୍ରକାରର ମା'ଗଛ ଏବଂ କଲମି ଚାରାଗଛ ହୃଷ୍ଟପୁଷ୍ଟ ହୋଇ ବଢ଼ିବା ପାଇଁ ଅନୁକୂଳ ବାତାବରଣ ହୋଇଥାଏ ।
୨. ନର୍ସରୀର ସୀମିତ ସ୍ଥାନରେ ବଢୁଥିବା ବହୁତ ସଂଖ୍ୟାର ଚାରା ବା ତଳିଗୁଡ଼ିକର ଯତ୍ନ ବହୁତ ସୁବିଧାରେ ଏବଂ ସହଜରେ କରିହୁଏ ।
୩. ନର୍ସରୀଟି ସୀମିତ ଯାଗାରେ ହୋଇଥିବାରୁ ଗଛଗୁଡ଼ିକୁ ଠିକ୍ ସମୟରେ ରୋଗ-ପୋକ ଦାଉରୁ ରକ୍ଷା କରାଯାଇ ପାରେ ।
୪. ନର୍ସରୀରେ ତଳି ଉତାରିବା ଦ୍ୱାରା, ପ୍ରତିକୂଳ ପାଗବେଳେ ମୁଖ୍ୟ ଯାଗାରେ ତଳି ନଲଗାଇ ଅନୁକୂଳ ପାଗ ହେବା ପର୍ଯ୍ୟନ୍ତ ନର୍ସରୀ ମଧ୍ୟରେ ସୁରକ୍ଷିତ ରଖାଯାଇ ପାରିବ ।
୫. ନର୍ସରୀରେ ତଳି ଉତାରିବା ଦ୍ୱାରା ବହୁତ ସମୟ କ୍ଷେତ ତିଆରି ପାଇଁ ମିଳିଥାଏ ।
୬. ନର୍ସରୀରେ ତଳି ଉତାରିବାଦ୍ୱାରା ମଞ୍ଜି ବେଶୀ ଦରକାର ହୁଏନାହିଁ ଓ ନଷ୍ଟ ମଧ୍ୟ ହୁଏନାହିଁ ।
୭. ନୂଆ ଆସିଥିବା ଚାରା ବା ଗଛଗୁଡ଼ିକୁ ଠିକ୍ ଉପଚାର ମିଳେ ।
୮. ନର୍ସରୀରେ ଗ୍ରୀନ୍ ହାଉସ୍, ଲାଥ୍ ହାଉସ୍, ଗ୍ଲାସ୍ ହାଉସ୍ ଇତ୍ୟାଦି ଥିବାରୁ ସୁବିଧାରେ ଚାରା ଓ କଲମୀଗଛ ଗୁଡ଼ିକୁ ପ୍ରତିକୂଳ ବାତାବରଣରୁ ରକ୍ଷାକରାଯାଇପାରେ ।

୯.	ଶିକ୍ଷିତ ବେକାର ଯୁବକ-ଯୁବତୀମାନଙ୍କ ପାଇଁ କମ୍ ଅର୍ଥ ବିନିଯୋଗରେ ଆତ୍ମନିର୍ଭରଶୀଳ ହେବା ନିମନ୍ତେ ଏହା ଏକ ଉତ୍ତମ ପନ୍ଥା ।

ନର୍ସରୀ ସ୍ଥାପନ ପୂର୍ବରୁ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଉଚିତ୍ ।

## କ) ସ୍ଥାନ ନିରୂପଣ

- ନର୍ସରୀ ସ୍ଥାପନା ପୂର୍ବରୁ କେଉଁ ଯାଗାରେ କଲେ ଭଲ ହେବ ତାହା ଦେଖିବା ଉଚିତ୍ ।
- ନର୍ସରୀଟି ସାଧାରଣତଃ ସହର-ବଜାର ନିକଟରେ ତଥା ରାସ୍ତା କଡ଼ରେ ହେବା ଉଚିତ୍, ଯେଉଁଠିକୁ ଯାନ-ବାହନ ସୁବିଧାରେ ଯାଇପାରିବ ।

## ଖ) ମୃତ୍ତିକା

- ସାଧାରଣତଃ ମଧ୍ୟମ କିସମର ମାଟି ନିଗିଡ଼ା ଓ ପାଣି ଜମିରହୁନଥିବା ଏବଂ ଜମିରେ ଯଥେଷ୍ଟ ପରିମାଣରେ ଜୈବିକ ପଦାର୍ଥଥିବା ମାଟି ବଛାଯାଏ ।
- ନର୍ସରୀ ପାଇଁ ଟିକିଟା ଦୋରସା ମାଟି ସବୁଠାରୁ ଭଲ ।
- ମାଟିର ପି.ଏଚ୍.୫.୫-୮.୫ ଭିତରେ ରହିବା ଭଲ ।

## ଗ) ଜଳସେଚନ

- ନର୍ସରୀରେ ଜଳସେଚନ ଅପରିହାର୍ଯ୍ୟ ।
- ଏଥିପାଇଁ ନଳକୂପ ଓ କୂଅର ବ୍ୟବସ୍ଥା ଥିବା ଆବଶ୍ୟକ ।
- ମା'ଗଛକୁ ବୁନ୍ଦା ଜଳସେଚନ ଓ କଲମୀ ଚାରାକୁ ସିଞ୍ଚନ ଜଳସେଚନ ସବୁଠୁ ଭଲ ।

## ଘ) ମାଳି ଓ କୁଶଳୀ ଶ୍ରମିକ ସୁବିଧାରେ ମିଳୁଥିବେ

- ଏକରୁ ଦୁଇ ଏକରର ପରିମିତ ଏକ ନର୍ସରୀ ପାଇଁ ଜଣେ ଭଲ ମାଳୀ ଓ ୨ଜଣ କୁଶଳୀ ଶ୍ରମିକ ଆବଶ୍ୟକ ।
- ଯେଉଁମାନେ କି ଗଛର ଯତ୍ନନେବା ସଂଗେସଂଗେ କଲମୀ ଓ ଦୂରକୁ ଗଛ ପଠାଇବା ପାଇଁ ଯତ୍ନରସହ ପ୍ୟାକିଂ କରି ପାରୁଥିବେ ।

## ଙ) ଗଛ ପାଇଁ ଚାହିଦା ଥିବା ଆବଶ୍ୟକ

- ଯେଉଁଠି ନର୍ସରୀ କରିବେ ସେ ଅଞ୍ଚଳ ଓ ଅନ୍ୟ ଆଖପାଖ ଅଞ୍ଚଳରେ ଗଛ ଓ ଚାରାର ଚାହିଦା ଥିବା ଆବଶ୍ୟକ । ଚାରା ବିକ୍ରିହୋଇ ନପାରିଲେ କ୍ଷତି ସହିବାକୁ ପଡ଼ିବ ।

## ଚ) ଅର୍ଥ

- ନର୍ସରୀଟିଏ ସ୍ଥାପନା ପାଇଁ ଅର୍ଥର ଅବଶ୍ୟକତା ଅଛି ।
- ସେଥିପାଇଁ ପ୍ରଥମେ ଅର୍ଥ କେଉଁଠୁ ଆସିବ, ତାହା ବିଚାର କରିବେ ।
- ନର୍ସରୀ କରିବାପାଇଁ ଭାରତୀୟ ଉଦ୍ୟାନ ବିକାଶ ସଂସ୍ଥା ସହିତ କଥାହେବା ଆବଶ୍ୟକ ।

## ଛ) ବିଶେଷଜ୍ଞଙ୍କ ପରାମର୍ଶ

- ନର୍ସରୀଟିଏ କରିବା ପୂର୍ବରୁ ନିକଟସ୍ଥ ଉଦ୍ୟାନବିତ୍, କୃଷି ବିଶ୍ୱବିଦ୍ୟାଳୟର ବିଶେଷଜ୍ଞ ବା ନର୍ସରୀ କରିଥିବା ଅଭିଜ୍ଞ ଚାଷୀଙ୍କ ଠାରୁ ପରାମର୍ଶ ନେବେ ।

## ଜ) ବାଡ଼ବନ୍ଦୀ

- ନର୍ସରୀଟିଏ କରିବା ପୂର୍ବରୁ ଭଲଭାବେ ବାଡ଼ବନ୍ଦୀ କରିବା ଉଚିତ୍ ।
- ସହର ପାଖାପାଖି ସ୍ଥାନରେ ଯଦି ନର୍ସରୀ କରୁଛନ୍ତି ତେବେ ପକା ପାଚେରୀ କରିବା ସବୁଠାରୁ ଭଲ । ତାରବାଡ଼ ବା ଜୀବନ୍ତ କଣ୍ଟାବାଡ଼ ମଧ୍ୟ କରାଯାଇ ପାରିବ ।
- ଜୀବନ୍ତ ବାଡ଼ ପାଇଁ ଚିଲାର୍/ଡୁରାଣ୍ଟା, ସପ୍ତଫେଣୀ ସବୁଠୁ ଭଲ ।

## ଝ) ପବନ ନିରୋଧକ ବୃକ୍ଷ

- ନର୍ସରୀରେ ଯେଉଁସବୁ ଗଛ ଥାଏ ଖରା, ବର୍ଷା ଓ ଶୀତ ସହିପାରେ ନାହିଁ । ସେଥିପାଇଁ ନର୍ସରୀ ଚାରିପାଖରେ ପବନ ନିରୋଧକ ବୃକ୍ଷ ଲଗାଇଲେ ଭଲ ଫଳମିଳେ । ପବନ ନିରୋଧକ ବୃକ୍ଷଗୁଡ଼ିକ ଉଚ୍ଚା, ମରୁଡ଼ି ସହି ପାରୁଥିବା ଏବଂ ମଜ୍‌ଭୁତ ହୋଇଥିବ, ଯଥା- ଝାଉଁ, ଦେବଦାରୁ, ଅର୍ଜୁନ, କରଞ୍ଜ ଓ ଜାମୁ ଇତ୍ୟାଦି ।

## ଞ) ନର୍ସରୀ ପଞ୍ଜୀକରଣ

- ଓଡ଼ିଶା ସରକାର ନର୍ସରୀ ଆଇନ୍ ୨୦୦୧ ମସିହାରେ କରିଛନ୍ତି । ତାହା ଓଡ଼ିଶା ଫ୍ରୁଟ୍ ନର୍ସରୀ ରେଗୁରେସନ୍ ଆଇନ-୨୦୦୧ ନାମରେ ପରିଚିତ । ଯଦି ଆପଣ ନର୍ସରୀଟିଏ କରୁଛନ୍ତି ତେବେ ଏହି ଆଇନ୍ ଅନୁଯାୟୀ ନିକଟସ୍ଥ ଉଦ୍ୟାନ ବିଶେଷଜ୍ଞଙ୍କ ପାଖକୁ ଯାଇ ନିର୍ଦ୍ଧାରିତ ଫର୍ମରେ ଆବେଦନ କରି ନର୍ସରୀକୁ ପଞ୍ଜିକରଣ କରନ୍ତୁ ।

## ନର୍ସରୀପାଇଁ ଆବଶ୍ୟକୀୟ ବିଭାଗ ଓ ଅନ୍ୟାନ୍ୟ ବ୍ୟବସ୍ଥା

୧. ଅଫିସ୍‌ଘର: ଅଫିସ୍ ଘରକୁ ନର୍ସରୀର ମୁହଁ ପାଖରେ ରଖିବା ଉଚିତ୍ । ଯାହାଦ୍ୱାରା ଗଛ, ମଞ୍ଜି ଓ ସାର ଇତ୍ୟାଦିର କିଣାବିକା ସହଜ ହେବ ।

୨. ଭଣ୍ଡାରଘର: ନର୍ସରୀପାଇଁ ଯନ୍ତ୍ରପାତି ଠାରୁ ଆରମ୍ଭକରି ସାର, ଔଷଧ ଇତ୍ୟାଦି ଏଠାରେ ରଖାଯାଏ । ଭଣ୍ଡାର ଘର ଅଫିସ୍ ପାଖରେ ହେଲେ ଭଲ ବା ଗୋଟିଏ କଣରେ ମଧ୍ୟ କରାଯାଇପାରେ ।

୩. କୃତ୍ରିମ ସଂରଚନା କକ୍ଷ: ପ୍ରତିକୂଳ ବାତାବରଣ ବା ଜଳବାୟୁରେ ମଞ୍ଜିରୁ ଚରା ଉତାରିବା ପାଇଁ କିମ୍ବା ଡାଳରୁ କଲମୀଗଛ ଉତାରିବା ପାଇଁ ଆବଶ୍ୟକୀୟ ଅନୁକୂଳ ବାତାବରଣ ସୃଷ୍ଟି ନିମନ୍ତେ କୃତ୍ରିମ ସଂରଚନା କକ୍ଷ ବ୍ୟବହାର କରାଯାଏ । ଯଥା:

### କ) ସବୁଜଗୃହ ବା ଗ୍ରୀନ ହାଉସ୍



ସାଧାରଣତଃ ବିଭିନ୍ନ ପ୍ରକାରର ସବୁଜଗୃହ ନିର୍ମାଣ କରାଯାଇଥାଏ । ଅତି ସରଳଭାବରେ ଗଛଦ୍ୱାରା ଛାତ ଅଂଶକୁ ଛାଇକରି ତିଆରି କରାଯାଏ । କାଠ ଖୁଣ୍ଟ, ତାରଜାଲି ଇତ୍ୟାଦିକୁ ନେଇ ଦେଶୀ ହିସାବରେ ସବୁଜଗୃହ ନିର୍ମାଣ କରିହେବ । ତେବେ ଆଜିକାଲି ଉନ୍ନତମାନର ସବୁଜଗୃହରେ ପ୍ଲାଷ୍ଟିକ୍ ଚଦର ବ୍ୟବହାର କରାଗଲାଣି ଏବଂ ଏଥିରେ ବୃକ୍ଷ ଆଲୋକ, ଉତ୍ତାପ, ବାୟୁଚଳାଚଳ, ଖାଦ୍ୟସାର, ଔଷଧ ଆଦି ସହଜରେ ପାଇପାରୁଛି ।

### ଖ) ଲାଥ୍ ହାଉସ୍

କାଠଖୁଣ୍ଟ ଓ ତାଟି ସାହାଯ୍ୟରେ ଯେଉଁ ଘର ତିଆରି କରାଯାଏ ତାକୁ ଲାଥ ହାଉସ୍ କହନ୍ତି । ଲାଥ୍ ହାଉସ୍‌ରେ ଲଗାଯାଉଥିବା ମୂଳ ଗଛକୁ ଅତ୍ୟଧିକ ଟାଣ ଖରାରୁ ରକ୍ଷା କରିବା ପାଇଁ କିଛି ଦିନ ରଖାଯାଏ ।

### ଗ) ଗରମ ଶଯ୍ୟା ବା ହଟ୍ ବେଡ୍

ଅନେକ ସ୍ଥାନରେ ଗରମ ଶଯ୍ୟା ମଧ୍ୟ ଗଛର ବଂଶବୃଦ୍ଧି ପାଇଁ ସହାୟକ ହୋଇଥାଏ । ସାଧାରଣତଃ ଓଡ଼ିଶାର ଦେବଗଡ଼ ତଥା ଅନ୍ୟ ପାହାଡ଼ିଆ ଜିଲ୍ଲାମାନଙ୍କରେ ଶୀତଦିନେ ଗରମ ଶଯ୍ୟାର ଆବଶ୍ୟକତା ରହିଥାଏ ।

### ଘ) କାଚ ଘର ବା ଗ୍ଲାସ୍ ହାଉସ୍

ବଡ଼ବଡ଼ ନର୍ସରୀରେ ପ୍ରତିକୂଳ ଜଳବାୟୁରେ ଗଛମାନ ବଢ଼ାଯାଏ । ଏହା ପ୍ରଥମ ଅବସ୍ଥାରେ ଖର୍ଚ୍ଚ ଅଧିକ ହୋଇଥାଏ ।

### ଙ) କୃତ୍ରିମ କୁହୁଡ଼ି ସୃଷ୍ଟି କରାଯାଉଥିବା କୋଠରୀ ବା ମିଷ୍ଟ ଚ୍ୟାମ୍ବର

ପାଣିକୁ ବାରମ୍ବାର ସ୍ପ୍ରେ କରିପାରୁଥିବା ଯନ୍ତ୍ରକୁ ଡାଳ କଲମୀ କରଯାଇଥିବା ପଟାଳି ଉପରେ ଖଞ୍ଜା ଯାଇଥାଏ । ସାଧାରଣତଃ ଯେଉଁ ଡାଳରୁ ସହଜରେ ଚେର ବାହାରେ ନାହିଁ, ତାକୁ ମିଷ୍ଟ ଚ୍ୟାମ୍ବରରେ ରଖାଯାଇଥାଏ ।

## ୪. ତଳିଘରା

ତଳିଘରା ମଞ୍ଜିରୁ ଚାରା ଉତାରିବା ପାଇଁ କରାଯାଇଥାଏ । ସାଧାରଣତଃ ଏହାର ଲମ୍ବ ୩ମିଟର ଏବଂ ପ୍ରସ୍ଥ ୧ମିଟର ଓ ଉଚ୍ଚତା ୧୫ ସେମି ବିଶିଷ୍ଟ ହୋଇଥାଏ । ତଳିଘରା ଉଚ୍ଚା କରିବା ଦ୍ୱାରା ଏଥିରୁ ସହଜରେ ପାଣି ନିଗିଡ଼ି ଯାଏ, ଫଳରେ ମଞ୍ଜିରୁ ସହଜରେ ଗଜା ବାହାରେ । ଦୁଇଟି ତଳିଘରା ମଧ୍ୟରେ ୬୦ ସେମିର ବ୍ୟବଧାନ ରଖାଯାଏ ।

## ୫. କୁଣ୍ଡ ରଖିବା ସ୍ଥାନ ବା ପଟ୍ ୟାର୍ଡ୍

ସାଧାରଣତଃ ମୂଳ ଦଣ୍ଡ ଗଛ ବା ମଞ୍ଜିରୁଜାତ ଗଛ କୁଣ୍ଡରେ ବା ପଲିଥିନ୍‌ରେ ମୁଣିରେ ପୋତି ରଖାଯାଇଥାଏ । ଏହି କୁଣ୍ଡସବୁ ଟ୍ରେଞ୍ଚକରି ପୋତା ଯାଇଥାଏ । ସାଧାରଣତଃ ଟ୍ରେଞ୍ଚର ଲମ୍ବ ୩ମିଟର ଓ ପ୍ରସ୍ଥ ୬୦ ସେମିରୁ ୧ ମିଟର ପର୍ଯ୍ୟନ୍ତ ହୋଇଥାଏ । କୁଣ୍ଡ ରଖିବା ସ୍ଥାନକୁ ଗଛ ଲଗାଇ ବା ପଲିଥିନ୍ ଜାଲି ଦ୍ୱାରା ଛାଇ କରାଯାଏ ।

## ୬. ନର୍ସରୀରେ କଲମୀ କରିବା ପାଇଁ ଘର

ସବୁ ନର୍ସରୀରେ କଲମୀ କରିବା ପାଇଁ ଗୋଟିଏ ଖୋଲା ଚାଳଘର କରାଯାଇଥାଏ, ଏହି ଘରଟି ନର୍ସରୀର ମଧ୍ୟ ଭାଗରେ କରାଯିବା ଉଚିତ୍ ।

## ୭. ନର୍ସରୀର ମା' ଗଛ

ଭଲ କିସମ ଗଛରୁ ଚାରା ଉତ୍ତାରିବା ପାଇଁ ସେଥିରୁ ଡାଳନେଇ କଲମୀ କରିବା ପାଇଁ ନର୍ସରୀରେ ବିଭିନ୍ନ ଜାତି ଓ କିସମର ମା'ଗଛ ରହିବା ନିତ୍ୟାନ୍ତ ଆବଶ୍ୟକ ।

## ୮. ନର୍ସରୀରେ ମୂଳଦଣ୍ଡ ଓ ପୋଷକଗଛ ଉତ୍ପାଦନ

ହୃଷ୍ଟପୃଷ୍ଟ ମୂଳଦଣ୍ଡ ଉତ୍ପାଦନ କରିବା ନର୍ସରୀର ପ୍ରଧାନ କାମ । ସାଧାରଣତଃ ପୋଷକଗଛ ଗୁଡ଼ିକ ମଞ୍ଜିରୁ ତିଆରି କରାଯାଇଥାଏ । କେବଳ ଯେଉଁଗଛର ମଞ୍ଜି ହୋଇନଥାଏ ବା ମଞ୍ଜିରୁଜାତ ଗଛ ମା'ଗଛର ଅବିକଳ ଗୁଣ ଆଣିନଥାଏ, ସେହିଭଳି ଗଛର ମୂଳଦଣ୍ଡ ପାଇଁ ଡାଳକଲମୀ ବା କଲମୀ ଦ୍ୱାରା ମୂଳଦଣ୍ଡ ତିଆରି କରାଯାଏ ।

## ୯. ନର୍ସରୀ ଗଛର ଯତ୍ନ

ନର୍ସରୀ ଗଛ ବା ଚାରାକୁ ହୃଷ୍ଟପୃଷ୍ଟ କରି ଗଢ଼ିବା ପାଇଁ ବହୁତ୍ ଯତ୍ନନେବା ଆବଶ୍ୟକ । ଦରକାର ପଡ଼ିଲେ ମାସକ ଅନ୍ତରରେ ଗଛରେ ଶତକଡ଼ା ୨ଭାଗ ୟୁରିଆ ସ୍ପ୍ରେ କରାଯାଏ । ଗଛରେ ରୋଗ-ପୋକ ଲାଗିଲେ ତାହାର ଯତ୍ନ ନିଆଯାଏ ।

### ଘାସବଛା ଓ କୋଡ଼ାଖୋସା



➢ ଘାସ ଓ ଅନାବନା ଗଛ ନର୍ସରୀ ମଧ୍ୟରେ ପ୍ରଚୁର ପରିମାଣରେ ଉଠିଥାଏ । ଘାସଗୁଡ଼ିକ ଋତୁର ବିଭିନ୍ନ ସମୟରେ ବଛାବଛି କରିବା ଆବଶ୍ୟକ । ନର୍ସରୀର ଗଛମୂଳ ଓ ତଳି ପଟାଳିଗୁଡ଼ିକ କୋଡ଼ାଖୋସା କରାଯାଏ । ଯାହା ଫଳରେ ମାଟି ଟାଣ ହୁଏନାହିଁ ଓ ପାଣି ଦେବାବେଳେ ଗଛ ଭଲଭାବେ ଗ୍ରହଣ କରିଥାଏ ।

## କଲମୀ ଗଛର ପରବର୍ତ୍ତୀ ଯତ୍ନ

କଲମୀ ହେଲାପରେ ପୋଷ୍ୟ ପୋଷକ ଗଛ ସହ ଯୋଡ଼ି ହୋଇଯାଏ । କଲମି ଯୋଡ଼ ହୋଇଗଲାପରେ ଯୋଡ଼ ଉପରେ ଥିବା ମୂଳପିଣ୍ଡ ଗଛର ଡାଳ କାଟି ଦିଆଯାଏ । କଲମୀ ଗଛର ପୋଷ୍ୟ ମୁକୁଳ ବଢୁଥିବା ବେଳେ ଏହା ତଳେ ବାହାରୁଥିବା ପୋଷକର ମୁକୁଳଗୁଡ଼ିକୁ ଭାଙ୍ଗି ବା କାଟି ଦିଆଯାଏ ।




## ୧୦. ପ୍ରଚାର ଓ ପ୍ରସାର ବିଭାଗ

ନର୍ସରୀ ପରିଚାଳନାର ସବୁଠାରୁ ବଡ଼ କାମ ହେଲା, ଯାହା ନିଜେ ଉତ୍ପାଦନ କରିବେ ବା ବାହାରୁ ଆଣି ବିକିବେ ତାହା ଠିକ୍ କିସମ ଏବଂ ବୟସର ଚାରା ହୋଇଥିବା ଉଚିତ୍ । ନର୍ସରୀର ନାମ, ଠିକଣା, ଟେଲିଫୋନ୍ ନମ୍ବର ଇତ୍ୟାଦି ଖବର କାଗଜ ଓ ଗଣମାଧ୍ୟମରେ ପ୍ରଚାର ହେବା ଉଚିତ୍ । ନର୍ସରୀରେ କ'ଣ ସବୁ ମିଳୁଛି, ତାହା ଗୋଟିଏ ଲିଫ୍‌ଲେଟ୍ କରି ଲୋକଙ୍କୁ ଦେବା ଉଚିତ୍ ।


## ଚାରା ଟ୍ରେ ବା ପ୍ରୋଟ୍ରେ ମାଧ୍ୟମରେ ଚାରା ଉତ୍ପାଦନ

ପନିପରିବା ଚାଷରେ ଅଧିକ ଅମଳ ପାଇବା ମୁଖ୍ୟତଃ ସୁସ୍ଥ ଚାରା ଉପରେ ନିର୍ଭରକରେ । ତେଣୁ ଏପରି ଚାରା ଚୟନ କରନ୍ତୁ ଯାହା ମୁଖ୍ୟ ଜମିରେ ରୋପଣ କଲାପରେ ଶୀଘ୍ର ଚେର ଧରିଥାଏ ତଥା ଅଭିବୃଦ୍ଧି ପ୍ରାରମ୍ଭିକ ଅବସ୍ଥାରେ ଠିକ୍ ହୋଇ ଉପଯୁକ୍ତ ଫସଲ ଅମଳ ଦେଇଥାଏ । ମାତ୍ର ଚାଷୀମାନେ ଚିରାଚରିତ ବିଧିରେ ଚାରା ଉତ୍ପାଦନ କରିବା ହେତୁ





ଅଧିକାଂଶ ଚାରା ରୋଗପୋକଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି । ତେଣୁ ଅସନ୍ତୁଳିତ ଚାରା ପନିପରିବା ଉତ୍ପାଦନକୁ ବହୁଳଭାବରେ ପ୍ରଭାବିତ କରିଥାଏ ।



ଏହି ଟ୍ରେ ପଲିପ୍ରୋପେଲିନ୍‌ରେ ତିଆରି ହୋଇଥାଏ ଏବଂ ଏହାର ପ୍ରୟୋଗ ୫-୬ଥର ହୋଇପାରିବ । ସାଧାରଣତଃ ୯୮-୧୦୪ ଖୋପ ବିଶିଷ୍ଟ ଟ୍ରେ ଦ୍ୱାରା ଟମାଟୋ, ବାଇଗଣ, ଲଙ୍କା, ଶିମ୍‌ଲା ଲଙ୍କା, ଫୁଲକୋବି, ବନ୍ଧାକୋବି ଇତ୍ୟାଦିର ଚାରା ପ୍ରସ୍ତୁତ କରାଯାଇଥାଏ । ପ୍ରୋ-ଟ୍ରେର ଆକାର ୫୪ ସେମି, ଚଉଡ଼ା ୪ ସେମି ଗଭୀର ହୋଇଥାଏ । ଏହି ଟ୍ରେର ଦାମ୍ ୨୦ରୁ ୪୦ଟଙ୍କା ମଧ୍ୟରେ ହୋଇଥାଏ ।

ନଡ଼ିଆ କତା ଗୁଣ୍ଡକୁ ସଢ଼ାଇ, କୋକୋପିଟ୍ ତିଆରି କରାଯାଏ ଏବଂ ସେଥିରେ ଖତ ବା ଜିଆଖତ ମିଶାଇ ମାଧ୍ୟମ ରୂରେ ବ୍ୟବହାର କରାଯାଏ । ବଜାରରେ ମିଳୁଥିବା ମାଧ୍ୟମ



ଗୁଡ଼ିକ ହେଲା ଭର୍ମିକୁଲଇଟ୍ ଓ ପର୍ଲାଇଟ । ପ୍ରତି ୧୦କିଗ୍ରା କୋକୋପିଟ୍‌ରେ ୧କିଗ୍ରା ଟ୍ରାଇକୋର୍ଡର୍ମା ଭିରିଡିକୁ ମିଶାଇ ମାଧ୍ୟମ ରୂପେ ବ୍ୟବହାର କଲେ ଉପଯୁକ୍ତ ଫଳ ମିଳିଥାଏ ।

- ପ୍ରଥମେ ଚାରାଟ୍ରେକୁ କୋକୋପିଟ୍ ବା ନଡ଼ିଆ କତା ଗୁଣ୍ଡ ଦ୍ୱାରା ଭରି ଦିଆଯାଏ ।
- ଏକ ୯୮ ଖୋପ ବିଶିଷ୍ଟ ଟ୍ରେକୁ ଭରିବା ପାଇଁ ୧.୨୫ କିଗ୍ରାର ନଡ଼ିଆ କତା ଗୁଣ୍ଡ ବା କୋକୋପିଟ୍ ଆବଶ୍ୟକ ହୋଇଥାଏ ।
- ଖୋପ ମଧ୍ୟରେ ୦.୫ସେମି ଗଭୀରର ଛୋଟ ଖାଲ କରାଯାଏ ।

- ପ୍ରତି ଖୋପର ଖାଲରେ ଗୋଟିଏ ଗୋଟିଏ ବିଶୋଧନ ହୋଇଥିବା ମଞ୍ଜି ବୁଣି ଦେଇ ନଡ଼ିଆ କତା ଗୁଣ୍ଡ ଖତଦ୍ୱାରା ଭରି ଦିଆଯାଏ ।
- ତା'ପରେ ଅଳ୍ପ ଜଳ ସିଞ୍ଚନ ଦରକାର ହୁଏ ।
- ତଳଉପର କରି ୧୦ଟି ଟ୍ରେ ୩ରୁ ୭ଦିନ ପର୍ଯ୍ୟନ୍ତ ରଖାଯାଏ ।
- ଏହି ଟ୍ରେ ଗୁଡ଼ିକୁ ପଲିଥିନ୍ ଚାଦର ଦ୍ୱାରା ଢାଙ୍କି ଦିଆଯାଏ ।
- ଏହାଦ୍ୱାରା ଜଳର ସଂରକ୍ଷଣ ହୁଏ, ଉଷ୍ମତା ବଢ଼ିଯିବା କାରଣରୁ ଗଜା ଶୀଘ୍ର ହୋଇଥାଏ ।
- ଗଜା ବାହାରିଲାପରେ ଟ୍ରେଗୁଡ଼ିକୁ ପଲିଥିନ୍‌ରୁ କାଢ଼ି ସୁରକ୍ଷିତ ବେଡ଼ରେ ରଖି ଦିଆଯାଏ ।
- ଆବଶ୍ୟକ ଅନୁଯାୟୀ ପାଣି ଦିଆଯାଏ, ଯଦି ନଡ଼ିଆ କତାଗୁଣ୍ଡ ହାତ ମାରିଲେ ଶୁଖିଲା ଲାଗୁଥିବ, ତେବେ ସେଥିରେ ପାଣି ଦେବା ଉଚିତ୍ ।
- ମଞ୍ଜି ବୁଣିବାର ୧୦ ଓ ୨୦ ଦିନରେ ଦୁଇଥର ୩ଗ୍ରା/ଲିଟର ପାଣିରେ (୧୯:୧୯:୧୯) ମିଶ୍ରିତ ସାର ସିଞ୍ଚନ କରିବା ଉଚିତ୍ ।
- ବେଡ୍ ଉପରେ ପଲିଥିନ୍ ଚାଦର ଘୋଡ଼ାଇ ଦିଆଯାଏ, ଯାହାଦ୍ୱାରା ବେଶୀ ବର୍ଷା ହେଲେ ଚାରା ଗଛର କିଛି ଅସୁବିଧା ହୋଇନଥାଏ ।

## ରୋଗ-ପୋକ ନିୟନ୍ତ୍ରଣ

- ମାଙ୍କୋଜେବ୍ ୨ଗ୍ରାମ୍ /ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଦ୍ୱାରା ଚାରାକୁ ଘାରି କାଟିବା, ପଚିବା ରୋଗରୁ ରକ୍ଷା ମିଳିଥାଏ ।
- ଇମିଡ଼ାକ୍ଲୋପିଡ଼୍ ୨ମିଲି/୫ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଦ୍ୱରା ଚାରାକୁ ଶୋଷକଜାତୀୟ କୀଟ ଓ ଭୂତାଣୁଜନିତ ରୋଗରୁ ରକ୍ଷା ମିଳିଥାଏ ।

## ଟ୍ରେରେ ଚାରା ଉତ୍ପାଦନର ଲାଭ

- ସବୁ ମଞ୍ଜି ଗଜା ହୋଇଥାଏ । ଦାମିକା ମଞ୍ଜି ଅଧିକ ନଷ୍ଟ ହୋଇନଥାଏ ଫଳତଃ ମଞ୍ଜି କମ୍ ଆବଶ୍ୟକ ହୋଇଥାଏ ।
- ସମସ୍ତ ଚାରାଗୁଡ଼ିକୁ ଉପଯୁକ୍ତ ସ୍ଥାନ ମିଳିଥାଏ, ଫଳରେ ସୂର୍ଯ୍ୟାଲୋକ, ପବନ ଓ ପୋଷକ ପାଇଁ ଚାରା ମଧ୍ୟରେ ପ୍ରତିଯୋଗିତା ହୁଏନାହିଁ ।
- ରୋଗ-ପୋକଦ୍ୱାରା ଚାରା ବେଶୀ ନଷ୍ଟ ହୁଏନାହିଁ, ଚାରାଗୁଡ଼ିକର ସହଣୀଶକ୍ତି ଅଧିକ ହୋଇଥାଏ, ଫଳରେ ମୁଖ୍ୟ ଜମିରେ ରୋଇଲେ ଚାରାଗୁଡ଼ିକର ସ୍ୱାସ୍ଥ୍ୟ ଠିକ୍‌ରହେ ।
- ସହଜରେ ସ୍ଥାନାନ୍ତରଣ ହୋଇପାରେ ।

## ଚାରା ଉତ୍ପାଦନର ଖର୍ଚ୍ଚ

ଗୋଟିଏ ଏକର ଜମିରେ ଟମାଟୋ, ବାଇଗଣ, ଫୁଲକୋବି, ବନ୍ଧାକୋବି, ଲଙ୍କା ପାଇଁ ହେଉଥିବା ହାରାହାରି ଖର୍ଚ୍ଚ ।

| ଚାରା ସଂଖ୍ୟା | ଟ୍ରେ ମାଧ୍ୟମ ଖର୍ଚ୍ଚ (₹) | ପଟାଳି ମାଧ୍ୟମ ଖର୍ଚ୍ଚ (₹) |
|---|---|---|
| ୧୫୦୦୦ | ୧. ଟ୍ରେ ନଂ.-୧୫୦ଟି @୪୦୦/୧୦୦ ପ୍ରତି = ୬୦୦୦ଟଙ୍କା/ ୩ଥର ପାଇଁ | ୧ ବେଡ୍ ପ୍ରସ୍ତୁତ ଖର୍ଚ୍ଚ ୪୦୦୦ ଟଙ୍କା |
| | ୨. ମଞ୍ଜି ୮୦ ଗ୍ରାମ୍ @ ୩୦ଟଙ୍କା / ଗ୍ରାମ୍=୨୪୦୦ | ୨. ମଞ୍ଜି ୧୨୦ ଗ୍ରାମ୍ @ ୩୦ଟଙ୍କା / ଗ୍ରାମ୍=୩୬୦୦ |
| | ଶ୍ରମ ଖର୍ଚ୍ଚ-୧୪୦୦/- | ଶ୍ରମ ଖର୍ଚ୍ଚ-୨୮୦୦/- |
| | ସାର ଓ ଔଷଧ ଖର୍ଚ୍ଚ ୩୦୦/- | ସାର ଓ ଔଷଧ ଖର୍ଚ୍ଚ ୩୦୦/- |
| ମୋଟ | ୬୧୦୦/- | ୧୦,୭୦୦/- |

## କଲମି କରିବାର ବିଭିନ୍ନ ପ୍ରଣାଳୀ

ଗୋଟିଏ ଗଛର ଅଂଶକୁ ନେଇ, ଗୋଟିଏ ଗଛର ମୂଳ ଓ ଅନ୍ୟ ଗଛର ଡାଳକୁ ଯୋଡ଼ି ମୂଳଗଛ ଉପରେ ଯୋଡ଼ା ଡାଳକୁ ବଢ଼ିବାକୁ ଦିଆଯାଏ । ଏ ପ୍ରକାର କଲମିକୁ ଯୋଡ଼ କଲମି କହନ୍ତି । ଯୋଡ଼ା ଯାଉଥିବା ଉପର ଡାଳ ମଝିରୁ ଗଛର ଡାଳପତ୍ର ବାହାରେ, ତାକୁ ସିଅନ୍ କୁହାଯାଏ । ମୂଳ ରୂପେ ଯେଉଁ ଅଂଶ କାର୍ଯ୍ୟ କରେ ତାକୁ ମୂଳଦଣ୍ଡ ବା ଷ୍ଟକ୍ କୁହାଯାଏ ।

## କଲମିର ପ୍ରକାର ଭେଦ

୧) ଯୋଡ଼ କଲମି ୨) ପାର୍ଶ୍ୱ କଲମି ୩) ଭିନିୟର କଲମି ୪) କଅଁଳିଆ ଡାଳ କଲମି ୫) ଉପଭୃଣ କଲମି ୬) ଚାବୁକ କଲମି ୭) ଜିଭ କଲମି ୮) ଚୋପା କଲମି ଇତ୍ୟାଦି । ଏହି କଲମି ମଧ୍ୟରୁ ପାର୍ଶ୍ୱ କଲମି ମୁଖ୍ୟତଃ ଆମ୍ବରେ କରାଯାଏ । ଏହି ପ୍ରଣାଳିରେ ମୂଳଦଣ୍ଡର ପାର୍ଶ୍ୱ ଦେଶରେ ସିଅନ୍ ପ୍ରବେଶ କରାଯାଇଥିବାରୁ ଏହାର ପାର୍ଶ୍ୱ କଲମି କୁହାଯାଏ ।

ବର୍ଷକିଆ ମୂଳପିଣ୍ଡରେ ୨୫ ସେ.ମି. ଉପରେ ୧ ସେ.ମି. ଓସାରର ଏକ ଦାଗଦେଇ ଏହି ଦାଗ ଠାରୁ ଆରମ୍ଭକରି ୫ ସେ.ମି. ପର୍ଯ୍ୟନ୍ତ ତଳକୁ ଦୁଇଟି ସମାନ୍ତରାଳ ଦାଗ ଦିଆଯାଏ । ଉପର ମୁଣ୍ଡରୁ ଧରି ବକଳାଟିକୁ ଆସ୍ତେ ଉଠାଇ ଦେବାକୁ ହୁଏ । ସିଅନ୍ ଡାଳକୁ ୫ ସେମି ଲମ୍ବରେ ତୀର୍ଯ୍ୟକ୍ ଭାବରେ କାଟି କଟାଯାଇଥିବା ବକଳା ତଳେ ଯୋଡ଼ି ଭଲଭାବରେ ମେଳ ଖାଇବା ପାଇଁ କଲମି ଡାଳର ଦୁଇ ଡାଳକୁ ପଲିଥିନ୍ ଟେପ୍‌ରେ ଭଲଭାବେ ବାନ୍ଧି ଦିଆଯାଏ ।

ତା'ପରେ ଷ୍ଟକ ଗଛର ଅଗକୁ କାଟି ଦିଆଯାଏ । ମାସେରୁ ଦେଢ଼ମାସ ପରେ ସିଅନ୍ ମୂଳପିଣ୍ଡରେ ଯୋଡ଼ି ହୋଇ ବଢ଼ିବାକୁ ଲାଗେ । ସେତେବେଳେ ଯୋଡ଼େଇ ସ୍ଥାନ ଉପରୁ ମୂଳପିଣ୍ଡକୁ କାଟି ଦିଆଯାଏ ।

## ମୁକୁଳ କଲମି ବା ଆଖି କଲମି


ଆଖି ବା ମୁକୁଳ କଲମିରେ ସିଅନ୍ ଡାଳର ମାତ୍ର ଗୋଟିଏ ଆଖି (ବଡ୍) ବ୍ୟବହୃତ ହୋଇଥାଏ । ୧) ଢାଲ କଲମି ବା ଟି ବଡ଼ିଙ୍ଗ୍, ୨) ପଟି ଢାଙ୍କୁଣୀ କଲମି ୩) ପଟି କଲମି ୪) ଫର୍କେଟ୍ କଲମି, ୫) ମୁଦି କଲମି, ୬) ଚିପ୍ କଲମି, ୭) ନଳ କଲମି, ୮) ଆଇ ବଡ଼ିଙ୍ଗ ଇତ୍ୟାଦି । ମୁଖ୍ୟତଃ ଲେମ୍ବୁ, ବରକୋଳିଭଳି ଫଳ ଓ ଗୋଲାପପରି ଫୁଲରେ ଢାଲ କଲମୀ କରାଯାଏ ।

ଢାଲ କଲମି କରିବା ପାଇଁ ସିଅନ୍ ଡାଳକୁ ପତ୍ରସହ ଅଣାଯାଏ । କଲମି ଛୁରୀ ଦ୍ୱାରା ପତ୍ରର ଡ଼େମ୍ଫ ସନ୍ଧିରେ ଥିବା ମୁକୁଳଟିକୁ ଚୋପାସହିତ କାଟି ବାହାର କରାଯାଏ । ଏହି ଚୋପାର ଲମ୍ବ ପ୍ରାୟ ୩-୪ସେମି, ଏହା ଢାଲ ଆକାରର ହୋଇଥିବାରୁ ଏହି କଲମିକୁ ଢାଲ କଲମି କୁହାଯାଏ । ମୂଳପିଣ୍ଡ ଗଛର ତଳ ଅଂଶରେ ଶାଖା ଡାଳକାଟି ପ୍ରଧାନ ଡାଳକୁ ରଖାଯାଏ । ୨୦-୨୫ ସେମି ଉପରେ କାଣ୍ଡର ଦୁଇଗଣ୍ଠି ମଝି ସ୍ଥାନରେ କଲମି ଛୁରୀର ଅଂଶ ଦ୍ୱାରା 'T' ଅକ୍ଷରଭଳି ଦାଗ ଦିଆଯାଏ । ଏହି ଦାଗର ଲମ୍ବ ୩-୪ ସେମି । ସମାନ୍ତରାଳ ଦାଗଟି ଦେଢ଼ସେମି ରଖାଯାଏ । ଯେପରିକି ଚୋପାଟି ଟେକିଦେଲେ କଟା ମୁକୁଳଟି ତା'ଭିତରେ ଭଲଭାବରେ ରହି ପାରିବ । ତା'ପରେ ପଲିଥିନ୍‌ର ସରୁଟେପ୍ ଦ୍ୱାରା ଆଖିକୁ ଛାଡ଼ି ବାନ୍ଧି ଦିଆଯାଏ । ମାସକ ଭିତରେ ମୁକୁଳ ୫-୬ ସେମି ହେଲେ କଲମି ହୋଇଥିବା ସ୍ଥାନରୁ ମୂଳପିଣ୍ଡର ଉପର ଅଂଶକୁ କାଟି ଦିଆଯାଏ ଓ ୬ ମାସ ପରେ ଗଛ ଲଗାଯାଏ ।

## ଲେୟାରିଙ୍ଗ ବା ମାଟି କଲମି


ଏହି ପ୍ରଣାଳୀରେ ପ୍ରଥମେ ଗଛର କାଣ୍ଡରୁ କୃତ୍ରିମ ଉପାୟରେ ଚେର ବାହାର କରାଯାଇ ତା' ପରେ ମୂଳ ଗଛରୁ କଟାଇ ପୋତାଯାଏ । ସାଧାରଣତଃ ମାଟି କଲମି ୫ ପ୍ରକାରର । ୧) ସରଳ ମାଟି କଲମି, ୨) ଟ୍ରେଞ୍ଚ୍ ଲେୟାରିଙ୍ଗ୍, ୩) ସର୍ପିଳ ଲେୟାରିଙ୍ଗ୍, ୪) ମୂଳପିଡ଼ ଲେୟାରିଙ୍ଗ୍, ୫) ଗୁଟି କଲମି । ମୁଖ୍ୟତଃ ପିଜୁଳି, ଲେମ୍ବୁଭଳି ଫଳ ଓ ମନ୍ଦାର, ମଲ୍ଲୀପରି ଫୁଲରେ ଗୁଟି କଲମୀ କରାଯାଏ ।

ଏହି ପ୍ରଣାଳୀରେ ଡାଳର ଯେଉଁ ଅଂଶରେ ଚେର ହେବାକଥା ସେହି ସ୍ଥାନରେ ପ୍ରସ୍ତୁତ କରାଯାଇଥିବା ଚକଟା ମାଟି ବା ସମ୍‌କୁ ପିଣ୍ଡୁଳା ଆକାରରେ ଡାଳର ଚାରିପଟେ ବାନ୍ଧି ଦିଆଯାଏ । ସେ ସ୍ଥାନରୁ ଚେର ବାହାରିବା ପରେ ଡାଳକୁ କାଟି ଆଣି ପଟାଳି ବା ପଲିଥିନ୍ ମୁଣିରେ ଲଗାଯାଏ ।









Printed at: ankitagraphics, Bhubaneswar
email: saroj77337@gmail.com, Ph. 9437077337